Candidate must not write on this margin.

# CSM—7/24

## PART—II/PAPER—V

## GENERAL STUDIES—IV

## ସାଧାରଣ ଅଧ୍ୟୟନ—IV

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **17 *(Seventeen)*** *questions. In* **Group—A, 12 *(Twelve)*** *and* **Group—B, 05 *(Five)*** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **Group—A, 12 (ବାର)** ଏବଂ **Group—B, 05 (ପାଞ୍ଚ )** କୁ ମିଶାଇ **17 (ସତର)** ଟି ପ୍ରଶ୍ନ ରହିଛି ।

### GROUP—A

### ଗ୍ରୁପ୍—A

*Candidates to attempt* **10 *(ten)*** *questions within word limit of* **250**.

*Each question carries* **15** *marks.*

ପରୀକ୍ଷାର୍ଥୀମାନେ **10** ଟି ପ୍ରଶ୍ନ **250** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **15** ମାର୍କ ।

1. "The whole problem with the world is that fools and fanatics are always so certain of themselves, and wiser people so full of doubts." — Bertrand Russell. In the light of this quote, examine the importance of two qualities viz., open-mindedness and intellectual humility for a public servant.

   " ବିଶ୍ୱର ସମ୍ପୂର୍ଣ୍ଣ ସମସ୍ୟା ହେଉଛି ଯେ ମୂର୍ଖ ଏବଂ ଧର୍ମାନ୍ଧମାନେ ସଦାସର୍ବଦା ନିଜନିଜ ବିଷୟରେ ଏତେ ନିଶ୍ଚିତ ଏବଂ ଜ୍ଞାନୀ ଲୋକମାନେ ଏତେ ସନ୍ଦେହରେ ପରିପୂର୍ଣ୍ଣ" — ବର୍ଟ୍ରାଣ୍ଡ ରସେଲ (Bertrand Russell) । ଉକ୍ତ ଉଦ୍ଧୃତିର ଆଧାରରେ ଜଣେ ସରକାରୀ କର୍ମଚାରୀଙ୍କ ପାଇଁ ଦୁଇଟି ଗୁଣ ଯଥା ମୁକ୍ତ ମନୋଭାବ ଏବଂ ବୌଦ୍ଧିକ ନମ୍ରତାର ଗୁରୁତ୍ୱ ପରୀକ୍ଷା କର ।

2. Ram and Shyam are twin brothers raised in the same family. They both study in the same school. Ram is a bright student and excels academically. Shyam is not good at studies but is a keen learner otherwise. Later in life, Ram clears a competitive civil services examination and joins Government service in a senior position. Shyam blooms as a successful businessman. Within a few years, Shyam has grown rich, owns a mansion and lives a life of luxury. Ram, who is an honest civil servant, receives a modest salary and cannot afford luxurious lifestyle enjoyed by his brother Shyam. Colleagues and friends of Ram cajole him to turn corrupt and make money. Ram, however, remains convinced that he is 'servant' of public and his duty is to serve the nation and people selflessly. His friends dismiss his argument as 'impractical idealism'. With whom do you agree and why? Would a handsome increase in the salary of public servants be an appropriate response to the problem of corruption in bureaucracy? Discuss.

ରାମ ଓ ଶ୍ୟାମ ଗୋଟିଏ ପରିବାରରେ ଜନ୍ମଗ୍ରହଣ କରିଥିବା ଯାଆଁଳା ଭାଇ । ସେମାନେ ଉଭୟ ଗୋଟିଏ ସ୍କୁଲ୍‌ରେ ପାଠପଢ଼ନ୍ତି । ରାମ ଜଣେ ମେଧାବୀ ଛାତ୍ର ଏବଂ ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ଉତ୍କର୍ଷ । ଶ୍ୟାମ ପାଠପଢ଼ାରେ ଭଲ ନୁହେଁ କିନ୍ତୁ ଆଗ୍ରହୀ ଶିଷ୍ୟ । ଜୀବନର ପରବର୍ତ୍ତୀ ସମୟରେ ରାମ ଏକ ପ୍ରତିଯୋଗିତାମୂଳକ ସିଭିଲ୍-ସର୍ଭିସ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇ ଏକ ଉଚ୍ଚ ପଦବୀରେ ସରକାରୀ ଚାକିରିରେ ଯୋଗଦାନ କରନ୍ତି । ଶ୍ୟାମଜଣେ ସଫଳ ବ୍ୟବସାୟୀ ଭାବରେ ପ୍ରତିଷ୍ଠିତ ହୁଅନ୍ତି । କିଛି ବର୍ଷ ମଧ୍ୟରେ, ଶ୍ୟାମ ଧନୀ ହୋଇଗଲେ, ଏକ ମହଲର ମାଲିକ ହେଲେ ଏବଂ ବିଳାସପୂର୍ଣ୍ଣ ଜୀବନଯାପନ କଲେ । ରାମ, ଯିଏ ଜଣେ ସଚ୍ଚୋଟ ସରକାରୀ କର୍ମଚାରୀ ଏବଂ ସାଧାରଣ ଦରମା ପାଆନ୍ତି ଏବଂ ତାଙ୍କ ଭାଇ ଶ୍ୟାମ ଦ୍ୱାରା ଉପଭୋଗ କରାଯାଇଥିବା ବିଳାସପୂର୍ଣ୍ଣ ଜୀବନଶୈଳୀର ସାମଗ୍ରୀକୁ କିଣି ପାରନ୍ତି ନାହିଁ । ରାମଙ୍କ ସହକର୍ମୀ ଏବଂ ବନ୍ଧୁମାନେ ତାଙ୍କୁ ଦୁର୍ନୀତିଗ୍ରସ୍ତ ହୋଇ ଟଙ୍କା ରୋଜଗାର କରିବାପାଇଁ ପ୍ରବର୍ତ୍ତାନ୍ତି । ତଥାପି ରାମ ନିଶ୍ଚିତ ଅଛନ୍ତି ଯେ ସେ ଜନସାଧାରଣଙ୍କର 'ସେବକ' ଏବଂ ତାଙ୍କର କର୍ତ୍ତବ୍ୟ ହେଉଛି ନିଃସ୍ୱାର୍ଥପର ଭାବରେ ଦେଶ ଏବଂ ଲୋକଙ୍କ ସେବା କରିବା । ତାଙ୍କ ବନ୍ଧୁ ମାନେ ତାଙ୍କର ଯୁକ୍ତିକୁ 'ଅବ୍ୟବହାରିକ ଆଦର୍ଶବାଦ' ବୋଲି ପ୍ରତ୍ୟାଖ୍ୟାନ କରନ୍ତି । ଆପଣ କାହା ସହିତ ସହମତ ଏବଂ କାହିଁକି? ସରକାରୀ କର୍ମଚାରୀଙ୍କ ଦରମାରେ ଏକ ସନ୍ତୋଷ ଜନକ ଅଭିବୃଦ୍ଧି ଅମଲାତନ୍ତ୍ରରେ ଦୁର୍ନୀତି ସମସ୍ୟାର ଉପଯୁକ୍ତ ପ୍ରତିକ୍ରିୟା ହେବ କି? ଆଲୋଚନା କର ।

3. Manish is an upright officer of Forest Department. He clears the licence application of a rich timber merchant after observing due procedure. A few days later, the timber merchant sends an expensive wooden sofa-set and a dining table set to the residence of Manish when Manish is away on tour. When Manish returns home, he is upset that the furniture has been gifted to him by the merchant without even mentioning about it to him. He immediately telephones the merchant and conveys his displeasure, asking the merchant to take the furniture away. The merchant explains that the furniture is a 'small gift' and there is nothing unusual about it, being a common practice. Wife of Manish, who is overhearing the conversation, suggests that the timber merchant can be paid the price of the furniture as the house badly needed some good furniture. Accordingly, Manish offers to pay the price. The timber merchant reluctantly agrees to accept payment from Manish. He quotes a ridiculously low price for the furniture. The merchant explains that he runs a huge furniture making factory and costs incurred by him are really low. Manish agrees to the offer and pay the quoted price to the timber merchant. What are your views about the ethicality of the conduct of Manish in this incident? Do you think Manish should have acted differently? Has Manish acted in a corrupt manner? Discuss with reasons.

ମନୀଷ ବନ ବିଭାଗର ଜଣେ ସଚ୍ଚୋଟ ଅଧିକାରୀ । ସେ ଉପଯୁକ୍ତ ପ୍ରକ୍ରିୟା ପାଳନ କରି ଜଣେ ଧନୀ କାଠ ବ୍ୟବସାୟୀଙ୍କ ଲାଇସେନ୍ସ ଆବେଦନକୁ ମଞ୍ଜୁର କରିଛନ୍ତି । କିଛି ଦିନ ପରେ, ମନୀଷ ବାହାରକୁ ବୁଲିବାପାଇଁ ଯାଇଥିଲାବେଳେ କାଠ ବ୍ୟବସାୟୀ ମନୀଷଙ୍କ ଘରକୁ ଏକ ମହଙ୍ଗା କାଠ ସୋଫା-ସେଟ୍ ଏବଂ ଡାଇନିଙ୍ଗ ଟେବୁଲ ସେଟ୍ ପଠାଇ ଦିଅନ୍ତି । ମନୀଷ ଘରକୁ ଫେରିବାପରେ, ସେ ଏହା ବିଷୟରେ ତାଙ୍କୁ କିଛି ନ କହି ବ୍ୟବସାୟୀଙ୍କ ଦ୍ୱାରା ଦିଆ ଯାଇଥିବା ଫର୍ଣ୍ଣିଚର ଉପହାର ଫେରାଇ ନେଇଯିବା ପାଇଁ କୁହନ୍ତି ଏବଂ ବିରକ୍ତ ହୁଅନ୍ତି । ସେ ତୁରନ୍ତ ବ୍ୟବସାୟୀଙ୍କୁ ଫୋନ କରି ନିଜର ଅସନ୍ତୋଷ ପ୍ରକାଶ କରନ୍ତି । ବ୍ୟବସାୟୀ ବୁଝାନ୍ତି ଯେ ଫର୍ଣ୍ଣିଚର ଏକ 'ଛୋଟ ଉପହାର' ଏବଂ ଏଥିରେ କିଛି ଅସାଧାରଣ ନାହିଁ, ଏହା ଏକ ସାଧାରଣ ଅଭ୍ୟାସ । ମନୀଷଙ୍କ ସ୍ତ୍ରୀ, ଯିଏ କଥାବାର୍ତ୍ତା ଶୁଣୁଥାନ୍ତି ସେ ପରାମର୍ଶ ଦିଅନ୍ତି ଯେ କାଠ ବ୍ୟବସାୟୀଙ୍କୁ ଫର୍ଣ୍ଣିଚରର ମୂଲ୍ୟ ଦିଆଯାଇ ପାରିବ କାରଣ ଘରକୁ କିଛି ଭଲ ଫର୍ଣ୍ଣିଚରର ଆବଶ୍ୟକତା ରହିଛି । ତଦନୁସାରେ, ମନୀଷ ମୂଲ୍ୟ ଦେବାକୁ ରାଜି ହୁଅନ୍ତି । କାଠ ବ୍ୟବସାୟୀ ଫର୍ଣ୍ଣିଚର ପାଇଁ ଏକ ହାସ୍ୟାସ୍ପଦ ଭାବରେ କମ୍ ମୂଲ୍ୟ ଉଦ୍ଧୃତ କରନ୍ତି । ବ୍ୟବସାୟୀ ବୁଝାନ୍ତି ଯେ ସେ ଏକ ବିଶାଳ ଫର୍ଣ୍ଣିଚର ତିଆରି କାରଖାନା ଚଳାନ୍ତି ଏବଂ ତାଙ୍କଦ୍ୱାରା ହୋଇଥିବା ଖର୍ଚ୍ଚ ପ୍ରକୃତରେ କମ୍ । ମନୀଷ ପ୍ରସ୍ତାବରେ ରାଜି ହୁଅନ୍ତି ଏବଂ କାଠ ବ୍ୟବସାୟୀଙ୍କୁ ଉଦ୍ଧୃତ ମୂଲ୍ୟ ପ୍ରଦାନ କରନ୍ତି । ଏହି ଘଟଣାରେ ମନୀଷଙ୍କ ଆଚରଣର ନୈତିକତା ବିଷୟରେ ଆପଣଙ୍କର ମତ କ'ଣ? ଆପଣ କଣ ଭାବୁଛନ୍ତି ମନୀଷ ଭିନ୍ନଭାବେ କାର୍ଯ୍ୟ କରିବା ଉଚିତ୍ ଥିଲା? ମନୀଷ କ'ଣ ଦୁର୍ନୀତିଗ୍ରସ୍ତ ଭାବରେ କାର୍ଯ୍ୟ କରିଛନ୍ତି? କାରଣ ସହିତ ଆଲୋଚନା କର ।

Candidate must not write on this margin.

4. Mohan is an upright and honest Block Development Officer. But, his honest style of working has generated bad blood with some junior officers who are corrupt. One morning, a destitute woman appears before Mohan and requests him to approve her Ration Card application. She has already approached a junior officer but her request has been turned down as she does not have Aadhaar Card which is a requirement as per rules. After examining the case, Mohan realises that the woman is entitled to have a Ration Card and non-availability of Aadhaar Card is a mere paper formality. Mohan has the administrative power to grant Ration Card without Aadhaar Card in exceptional cases, using his discretionary powers. He, however, apprehends that in case he approves the Ration Card, he would be accused of using his power for making money through corrupt means. The junior officers who hold a grudge against Mohan are looking for such an opportunity when they can paint Mohan as a corrupt officer. Mohan is wondering if he should run the risk of sullying his reputation for the sake of a poor woman. What advice would you tender to Mohan in this situation and why?

ମୋହନ ଜଣେ ସଚ୍ଚୋଟ୍ ଓ ନିଷ୍ଠାପର ବ୍ଲକ ଉନ୍ନୟନ ଅଧିକାରୀ । କିନ୍ତୁ ତାଙ୍କର ସଚ୍ଚୋଟ୍ କାର୍ଯ୍ୟଶୈଳୀ କେତେକ କନିଷ୍ଠ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସହିତ ବିବାଦ ସୃଷ୍ଟି କରିଛି । ଦିନେ, ସକାଳେ, ଜଣେ ନିଃସହାୟ ମହିଳା ମୋହନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାଙ୍କ ରାସନ କାର୍ଡ ଆବେଦନକୁ ଅନୁମୋଦନ କରିବାପାଇଁ ଅନୁରୋଧ କଲେ । ସେ ପୂର୍ବରୁ ଜଣେ କନିଷ୍ଠ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଛନ୍ତି, କିନ୍ତୁ ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଛି କାରଣ ତାଙ୍କ ପାଖରେ ଆଧାରକାର୍ଡ ନାହିଁ ଯାହା ନିୟମ ଅନୁଯାୟୀ ଏକ ଆବଶ୍ୟକ ପ୍ରମାଣ ପତ୍ର । ମାମଲା, ଯାଞ୍ଚ କରିବାପରେ, ମୋହନ ଅନୁଭବ କରନ୍ତି ଯେ ମହିଳାଜଣକ ରାସନକାର୍ଡ ପାଇବାକୁ ହକ୍‌ଦାର ଏବଂ ଆଧାରକାର୍ଡ ନ ମିଳିବା କେବଳ ଏକ କାଗଜପତ୍ର ଔପଚାରିକତା । ମୋହନଙ୍କ ପାଖରେ ତାଙ୍କର ଇଚ୍ଛାଧୀନ କ୍ଷମତା ବଳରେ ଅସାଧାରଣ କ୍ଷେତ୍ରରେ ଆଧାରକାର୍ଡ ବିନା ରାସନକାର୍ଡ ପ୍ରଦାନ କରିବାର ପ୍ରଶାସନିକ କ୍ଷମତା ରହିଛି । ତଥାପି ସେ ଆଶଙ୍କା କରନ୍ତି ଯେ ଯଦି ସେ ରାସନକାର୍ଡ ମଞ୍ଜୁର କରନ୍ତି, ତେବେ ତାଙ୍କୁ ଦୁର୍ନୀତି ମାଧ୍ୟମରେ ଟଙ୍କା ରୋଜଗାର କରିବାପାଇଁ କ୍ଷମତା ବ୍ୟବହାର କରିବା ଅଭିଯୋଗ କରାଯିବ । ମୋହନଙ୍କ ବିରୋଧରେ କ୍ଷୋଭ ରଖୁଥିବା କନିଷ୍ଠ ଅଧିକାରୀମାନେ ଏପରି ଏକ ସୁଯୋଗ ଖୋଜୁଛନ୍ତି ଯେତେବେଳେ ସେମାନେ ମୋହନଙ୍କୁ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଭାବେ ଚିତ୍ରିତ କରିପାରିବେ । ମୋହନ ଭାବୁଛନ୍ତି ଯେ ସେ ଜଣେ ଗରୀବ ମହିଳାଙ୍କ ପାଇଁ ତାଙ୍କ ପ୍ରତିଷ୍ଠାକୁ ମଳିନ କରିବାର ବିପଦ ମୁଣ୍ଡାଇବେ କି? ଏହି ପରିସ୍ଥିତିରେ ଆପଣ ମୋହନଙ୍କୁ କ'ଣ ପରାମର୍ଶ ଦେବେ ଏବଂ କାହିଁକି ତାହା ବୁଝାଇ ଲେଖ ।

4. Mohan is an upright and honest Block Development Officer. But, his honest style of working has generated bad blood with some junior officers who are corrupt. One morning, a destitute woman appears before Mohan and requests him to approve her Ration Card application. She has already approached a junior officer but her request has been turned down as she does not have Aadhaar Card which is a requirement as per rules. After examining the case, Mohan realises that the woman is entitled to have a Ration Card and non-availability of Aadhaar Card is a mere paper formality. Mohan has the administrative power to grant Ration Card without Aadhaar Card in exceptional cases, using his discretionary powers. He, however, apprehends that in case he approves the Ration Card, he would be accused of using his power for making money through corrupt means. The junior officers who hold a grudge against Mohan are looking for such an opportunity when they can paint Mohan as a corrupt officer. Mohan is wondering if he should run the risk of sullying his reputation for the sake of a poor woman. What advice would you tender to Mohan in this situation and why?

ମୋହନ ଜଣେ ସଚ୍ଚୋଟ୍ ଓ ନିଷ୍ଠାପର ବ୍ଲକ ଉନ୍ନୟନ ଅଧିକାରୀ । କିନ୍ତୁ ତାଙ୍କର ସଚ୍ଚୋଟ୍ କାର୍ଯ୍ୟଶୈଳୀ କେତେକ କନିଷ୍ଠ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସହିତ ବିବାଦ ସୃଷ୍ଟି କରିଛି । ଦିନେ, ସକାଳେ, ଜଣେ ନିଃସହାୟ ମହିଳା ମୋହନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାଙ୍କ ରାସନ କାର୍ଡ ଆବେଦନକୁ ଅନୁମୋଦନ କରିବାପାଇଁ ଅନୁରୋଧ କଲେ । ସେ ପୂର୍ବରୁ ଜଣେ କନିଷ୍ଠ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଛନ୍ତି, କିନ୍ତୁ ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଛି କାରଣ ତାଙ୍କ ପାଖରେ ଆଧାରକାର୍ଡ ନାହିଁ ଯାହା ନିୟମ ଅନୁଯାୟୀ ଏକ ଆବଶ୍ୟକ ପ୍ରମାଣ ପତ୍ର । ମାମଲା, ଯାଞ୍ଚ କରିବାପରେ, ମୋହନ ଅନୁଭବ କରନ୍ତି ଯେ ମହିଳାଜଣକ ରାସନକାର୍ଡ ପାଇବାକୁ ହକ୍‌ଦାର ଏବଂ ଆଧାରକାର୍ଡ ନ ମିଳିବା କେବଳ ଏକ କାଗଜପତ୍ର ଔପଚାରିକତା । ମୋହନଙ୍କ ପାଖରେ ତାଙ୍କର ଇଚ୍ଛାଧୀନ କ୍ଷମତା ବଳରେ ଅସାଧାରଣ କ୍ଷେତ୍ରରେ ଆଧାରକାର୍ଡ ବିନା ରାସନକାର୍ଡ ପ୍ରଦାନ କରିବାର ପ୍ରଶାସନିକ କ୍ଷମତା ରହିଛି । ତଥାପି ସେ ଆଶଙ୍କା କରନ୍ତି ଯେ ଯଦି ସେ ରାସନକାର୍ଡ ମଞ୍ଜୁର କରନ୍ତି, ତେବେ ତାଙ୍କୁ ଦୁର୍ନୀତି ମାଧ୍ୟମରେ ଟଙ୍କା ରୋଜଗାର କରିବାପାଇଁ କ୍ଷମତା ବ୍ୟବହାର କରିବା ଅଭିଯୋଗ କରାଯିବ । ମୋହନଙ୍କ ବିରୋଧରେ କ୍ଷୋଭ ରଖୁଥିବା କନିଷ୍ଠ ଅଧିକାରୀମାନେ ଏପରି ଏକ ସୁଯୋଗ ଖୋଜୁଛନ୍ତି ଯେତେବେଳେ ସେମାନେ ମୋହନଙ୍କୁ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଭାବେ ଚିତ୍ରିତ କରିପାରିବେ । ମୋହନ ଭାବୁଛନ୍ତି ଯେ ସେ ଜଣେ ଗରୀବ ମହିଳାଙ୍କ ପାଇଁ ତାଙ୍କ ପ୍ରତିଷ୍ଠାକୁ ମଳିନ କରିବାର ବିପଦ ମୁଣ୍ଡାଇବେ କି? ଏହି ପରିସ୍ଥିତିରେ ଆପଣ ମୋହନଙ୍କୁ କ'ଣ ପରାମର୍ଶ ଦେବେ ଏବଂ କାହିଁକି ତାହା ବୁଝାଇ ଲେଖ ।

5. The Right to Information Act entitles every citizen of the country to seek information from any Government entity, without giving any reason for seeking the information. This has arguably cast a huge burden on the Government departments to satisfy the information seekers. Are you in favour or against this arrangement? Justify your answer with supporting examples.

ସୂଚନା ଅଧିକାର ଆଇନ୍ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସୂଚନା ଗ୍ରହଣ କରିବାର କୌଣସି କାରଣ ନ ଦେଇ ଯେ କୌଣସି ସରକାରୀ ସଂସ୍ଥାଠାରୁ ସୂଚନା ଗ୍ରହଣ କରିବାର ଅଧିକାର ଦେଇ । ଏହା ସୂଚନା ଆବଶ୍ୟକ କରୁଥିବା ଲୋକଙ୍କୁ ସନ୍ତୁଷ୍ଟ କରିବାପାଇଁ ସରକାରୀ ବିଭାଗଗୁଡ଼ିକ ଉପରେ ଏକ ବଡ଼ ବୋଝ ପକାଉଛି । ଆପଣ ଏହି ବ୍ୟବସ୍ଥା ସପକ୍ଷରେ କି ବିପକ୍ଷରେ? ସହାୟକ ଉଦାହରଣ ପ୍ରଦାନପୂର୍ବକ ନିଜ ଉତ୍ତର ବ୍ୟାଖ୍ୟା କର ।

6. Do you think that emotional intelligence is a significant factor in making of a good public servant? Why? Between the intellectual prowess and emotional intelligence, which should get priority while selecting a public servant?

ଆପଣ କ'ଣ ଭାବନ୍ତି ଯେ ଜଣେ ଭଲ ସରକାରୀ କର୍ମଚାରୀ (public servant) ତିଆରି କରିବାରେ ଭାବପ୍ରବଣ ବୁଦ୍ଧିମତ୍ତା ଏକ ଗୁରୁତ୍ୱପୂର୍ଣ୍ଣ କାରଣ? କାହିଁକି? ବୌଦ୍ଧିକ ଦକ୍ଷତା ଏବଂ ଭାବପ୍ରବଣ ବୁଦ୍ଧିମତା ମଧ୍ୟରେ କାହାକୁ ସରକାରୀ କାର୍ମଚାରୀ ଚୟନ କରିବା ସମୟରେ ପ୍ରାଥମିକତା ଦେବା ଉଚିତ୍? ବ୍ୟାଖ୍ୟା କର ।

7. Several decisions taken by the Government are declared to have been taken in 'public interest'. Many laws, regulations and rules provide that the Government can act in a certain manner if warranted by the 'public interest'. What do you understand by the term 'public interest'? Can there be any objective criterion to decide what is in public interest and what is not? Explain with an example.

ସରକାରଙ୍କଦ୍ୱାରା ନିଆଯାଉଥିବା ଅନେକ ନିଷ୍ପତ୍ତି ଜନସ୍ୱାର୍ଥପାଇଁ କରାଗଲାବୋଲି ଦର୍ଶାଯାଇଥାଏ । ଅନେକ ଆଇନ୍, ବିଧି ଓ ନିୟମରେ ପ୍ରାବଧାନ ଅଛି ଯେ ଜନସ୍ୱାର୍ଥପାଇଁ ଆବଶ୍ୟକସ୍ଥଳେ ସରକାରଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ କାର୍ଯ୍ୟ କରି ପାରିବେ । 'ଜନସ୍ୱାର୍ଥ' – ଶବ୍ଦ କହିଲେ ଆପଣ କ'ଣ ବୁଝନ୍ତି? ଜନସ୍ୱାର୍ଥରେ କ'ଣ ଅଛି ଏବଂ କ'ଣ ନାହିଁ ତାହା ନିଷ୍ପତ୍ତି ନେବାପାଇଁ କ'ଣ-କୌଣସି ବସ୍ତୁଗତ ମାନଦଣ୍ଡ ହୋଇପାରେ? ଏହା ଉଦାହରଣ ସହ ବ୍ୟାଖ୍ୟା କର ।

Candidate must not write on this margin.

Candidate must not write on this margin

8. Conduct rules governing public servants put certain restrictions on them covering social, financial and personal matters. Their right to participate in political activities and right to expression is also circumscribed. Do you think that the Government is justified in curtailing the civil rights of the Government servants? Discuss.

ସରକାରୀ କର୍ମଚାରୀମାନଙ୍କୁ ପରିଚାଳନା କରୁଥିବା ଆଚରଣ ନିୟମାବଳୀ ତାଙ୍କର ସାମାଜିକ, ଆର୍ଥିକ ଏବଂ ବ୍ୟକ୍ତିଗତ ବିଷୟଗୁଡ଼ିକ ଉପରେ କିଛି ପ୍ରତିବନ୍ଧକ ଲଗାଇଥାଏ । ରାଜନୈତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ସେମାନଙ୍କର ଅଧିକାର ଏବଂ ମତାମତ ଦେବାର ଅଧିକାର ମଧ୍ୟ ସୀମାବଦ୍ଧ । ଆପଣ କ'ଣ ଭାବନ୍ତି ଯେ ସରକାରୀ କର୍ମଚାରୀଙ୍କ ନାଗରିକ ଅଧିକାରକୁ ହ୍ରାସ କରିବାରେ ସରକାର ଯୁକ୍ତିଯୁକ୍ତ ଓ ଯଥାର୍ଥ, ଏ ବିଷୟରେ ଆଲୋଚନା କର ।

9. What do you understand by environmental ethics and our duty towards maintaining biodiversity, non-human life on earth and responsible self-sustaining use of natural resources? The Constitution lays down duty to protect and improve the natural environment as one of the Fundamental Duties for every citizen of India. Is this an absolute duty or does it admit of exceptions in consideration of practicality?

ପରିବେଶଗତ ନୀତିଶାସ୍ତ୍ର ଏବଂ ଜୈବ ବିବିଧତାକୁ ସ୍ଥିତାବସ୍ଥାରେ ରଖିବା, ପୃଥିବୀରେ ଅଣ ମାନବ ଜୀବନ ଏବଂ ପ୍ରାକୃତିକ ସମ୍ପଦର ଦାୟିତ୍ୱପୂର୍ଣ୍ଣ ଆତ୍ମନିର୍ଭରଶୀଳ ବ୍ୟବହାର ପ୍ରତି ଆମର କର୍ତ୍ତବ୍ୟ ବିଷୟରେ ଆପଣ କ'ଣ ବୁଝନ୍ତି? ସମ୍ବିଧାନ ଦ୍ୱାରା ଭାରତର ପ୍ରତ୍ୟେକ ନାଗରିକଙ୍କପାଇଁ ପ୍ରାକୃତିକ ପରିବେଶର ସୁରକ୍ଷା ଏବଂ ଉନ୍ନତି କରିବା ଏକ ମୌଳିକ କର୍ତ୍ତବ୍ୟ ଭାବରେ ନିର୍ଦ୍ଧୟ କରାଯାଇଛି । ଏହା କ'ଣ ଏକ ସମ୍ପୂର୍ଣ୍ଣ କର୍ତ୍ତବ୍ୟ ନା ବ୍ୟବହାରିକତାର ବିଚାରରେ ବ୍ୟତିକ୍ରମକୁ ସ୍ୱୀକାର କରାଯାଇପାରିବ? ଏ ସଂପର୍କରେ ଆଲୋଚନା କର ।

10. While India is not a signatory to the International Convention relating to Status of Refugees, several persons who have entered India without valid documents keep seeking refugee status in India. In this context, the issue of allowing basic facilities to Rohingya refugees from Myanmar has been before the Supreme Court of India. Do we have a moral obligation to provide shelter to refugees on humanitarian grounds, particularly when a section of our own population is living in poverty? Discuss.

ଯଦିଓ ଭାରତ ଶରଣାର୍ଥୀଙ୍କ ସ୍ଥିତି ସମ୍ବନ୍ଧୀୟ ଆନ୍ତର୍ଜାତୀୟ ସମ୍ମିଳନୀର ସ୍ୱାକ୍ଷରକାରୀ ନୁହେଁ, ତଥାପି ବୈଧ କାଗଜପତ୍ର ବିନା ଭାରତରେ ପ୍ରବେଶ କରିଥିବା ଅନେକ ବ୍ୟକ୍ତି ଭାରତରେ ଶରଣାର୍ଥୀଙ୍କ ମାନ୍ୟତା ପାଇବାପାଇଁ ଚେଷ୍ଟା କରୁଛନ୍ତି । ଏହି ପରିପ୍ରେକ୍ଷୀରେ ମିଆଁମାରରୁ ଆସିଥିବା ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ବିଷୟ ଭାରତର ସୁପ୍ରିମକୋର୍ଟ୍‌ରେ ବିଚାରାଧୀନ ରହିଛି । ମାନବିକତା ଆଧାରରେ ଶରଣାର୍ଥୀଙ୍କୁ ଆଶ୍ରୟଦେବା ଆମର କ'ଣ ନୈତିକ କର୍ତ୍ତବ୍ୟ, ବିଶେଷକରି ଯେତେବେଳେ ଆମ ନିଜ ଜନସଂଖ୍ୟାର ଏକ ଅଂଶ ଦାରିଦ୍ର୍ୟରେ? ଆଲୋଚନା କର ।

Candidate must not write on this margin.

11. Some thinkers argue that gender equality is not innate to Indian society as the main stream cultural values and religious beliefs promote misogynist attitudes. How far do you agree with this view? What role can ethical governance play in ensuring gender justice and women empowerment? Suggest some steps that the Government can take to promote gender equality in the country.

କେତେଜଣ ଚିନ୍ତା ନାୟକ ଯୁକ୍ତିଉପସ୍ଥାପନା କରନ୍ତି ଯେ ଲିଙ୍ଗଗତ ସମାନତା ଭାରତୀୟ ସମାଜପାଇଁ ସହଜାତ ନୁହେଁ କାରଣ ମୁଖ୍ୟ ସାଂସ୍କୃତିକ ମୂଲ୍ୟବୋଧ ଏବଂ ଧାର୍ମିକ ବିଶ୍ୱାସର ଧାରା ମହିଳା ବିଦ୍ୱେଷୀ ମନୋଭାବକୁ ପ୍ରୋତ୍ସାହିତ କରେ । ଆପଣ ଏହି ଦୃଷ୍ଟିକୋଣ ସହିତ କେତେଦୂର ସହମତ? ଲିଙ୍ଗନ୍ୟାୟ ଏବଂ ମହିଳା ସଶକ୍ତିକରଣ କରିବାରେ ନୈତିକ ଶାସନ କ'ଣ ଭୂମିକା ଗ୍ରହଣ କରିପାରିବ? ଦେଶରେ ଲିଙ୍ଗ ସମାନତାକୁ ପ୍ରୋତ୍ସାହିତ କରିବାପାଇଁ ସରକାର ନେଇ ପାରୁଥିବା କେତେକ ପଦକ୍ଷେପର ପରାମର୍ଶ ପ୍ରଦାନ କର ।

12. In modern age, several corporate houses have grown huge with their financial outlay being bigger than the budget of many countries. In this context, explain the necessity of ethical decision making in corporate governance? Would your answer be different in case of Public Sector Undertakings (PSUs)?

ଆଧୁନିକ ଯୁଗରେ, ଅନେକ କର୍ପୋରେଟ୍ ହାଉସ ବହୁତ ବଡ଼ ହୋଇଗଲାଣି ଏବଂ ସେମାନଙ୍କର ଆର୍ଥିକ ବ୍ୟୟ ଅନେକ ଦେଶର ବଜେଟ୍ ଅପେକ୍ଷା ଅଧିକ ହୋଇଗଲାଣି । ଏହି ପରିପ୍ରେକ୍ଷୀରେ, କର୍ପୋରେଟ୍ ପ୍ରଶାସନରେ ନୈତିକ ନିଷ୍ପତ୍ତି ନେବାର ଆବଶ୍ୟକତା ବ୍ୟାଖ୍ୟା କର । ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ (PSUs) କ୍ଷେତ୍ରରେ ଆପଣଙ୍କ ଉତ୍ତର ଭିନ୍ନ ହେବ କି? ଉଲ୍ଲେଖ କର ।

Candidates must not write on this margin

## GROUP—B

## ଗ୍ରୁପ୍—B

*Candidates to attempt* **all** *questions within word limit of* **300**.

*Each question carries* **20** *marks.*

ପରୀକ୍ଷାର୍ଥୀମାନେ **ସମସ୍ତ** ପ୍ରଶ୍ନ **300** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **20** ମାର୍କ ।

**13.** "It is forbidden to kill; therefore all murderers are punished unless they kill in large numbers and to sound of trumpets." —Voltaire. In the light of the above statement of Voltaire, discuss whether war as a state policy can be justified in the modern age. Can there be a 'just war'? Discuss with reference to Operation Sindoor.

ଭୋଲଟାୟାର (Voltaire)ଙ୍କ ଉକ୍ତି ଏହା ଯେ! "ହତ୍ୟା କରିବା ନିଷେଧ; ତେଣୁ ସମସ୍ତ ହତ୍ୟାକାରୀଙ୍କୁ ଦଣ୍ଡ ଦିଆଯାଏ, ଯଦି ସେମାନେ ବହୁ ସଂଖ୍ୟାରେ ଏବଂ ତୁରୀ ବଜାଇ ହତ୍ୟା ନ କରନ୍ତି ।" ଭୋଲଟାୟାରଙ୍କ ଉପରୋକ୍ତ ବକ୍ତବ୍ୟ ଆଧାରରେ ଆଲୋଚନା କରନ୍ତୁ ଯେ ଆଧୁନିକ ଯୁଗରେ ରାଷ୍ଟ୍ରନୀତି ଭାବରେ ଯୁଦ୍ଧକୁ ଯଥାର୍ଥ କରାଯାଇପାରିବ କି? ନ୍ୟାୟପୂର୍ଣ୍ଣ ଯୁଦ୍ଧ, ହୋଇପାରେ କି? ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ଏହାର ଆଲୋଚନା କର ।

**14.** "Laws are like cobwebs, which may catch small flies, but let wasps and hornets break through." Examine this quote by Jonathan Swift in the light of our nation's objective to emerge as a fair, just and egalitarian society. What effective and practical steps would you take as a public servant to ensure that the law is applied to all in an impartial and non-partisan manner?

"ଆଇନ ହେଉଛି ବୁଢ଼ିଆଣୀ ଜାଲ ଯାହା ଛୋଟ ଛୋଟ ମାଛି ଧରିପାରେ, କିନ୍ତୁ ବିରୁଡ଼ି ଏବଂ ଭୃଙ୍ଗ ଜାଲ ଭିତର ଦେଇ ଚାଲି ଯାଆନ୍ତି" । ଆମ ଦେଶ ଏକ ନିରପେକ୍ଷ, ନ୍ୟାୟପୂର୍ଣ୍ଣ ଏବଂ ସମାନତାବାଦୀ ସମାଜ ଭାବରେ ପ୍ରତିଷ୍ଠିତ ହେବାର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଜୋନାଥନ୍ ସ୍ୱିଫ୍ଟ (Jonathan Swift)ଙ୍କ ଏହି ଉକ୍ତିକୁ ପରୀକ୍ଷା କର । ଜନ ସେବକ (public servant) ଭାବରେ ଆପଣ କ'ଣ ପ୍ରଭାବଶାଳୀ ଏବଂ ବ୍ୟବହାରିକ ପଦକ୍ଷେପ ନେବେ ଯାହା ନିଶ୍ଚିତ କରିବ ଯେ ଆଇନ ନିରପେକ୍ଷ ଏବଂ ନିରପେକ୍ଷ ଭାବରେ ସମସ୍ତଙ୍କପାଇଁ ପ୍ରୟୋଗ ହେବ?

15. "I will give you a talisman. Whenever you are in doubt, ...., apply the following test. Recall the face of the poorest and the weakest man whom you may have seen, and ask yourself, if the step you contemplate is going to be of any use to him. Will he gain anything by it? Will it restore him to a control over his own life and destiny? In other words, will it lead to Swaraj [freedom] for the hungry and spiritually starving millions? Then you will find your doubts and your self melt away." — Mahatma Gandhi. In the light of above quote, discuss the role of a public servant in a welfare state. Do you think that the test suggested above by Gandhiji can be applied in all situations faced by a public servant in present day complex world?

"ମୁଁ ତୁମକୁ ଏକ ତାବିଜ ଦେବି । ତୁମେ ଯେତେବେଳେ ସନ୍ଦେହ କରିବ, ...., ନିମ୍ନଲିଖିତ ପରୀକ୍ଷା ପ୍ରୟୋଗ କରିପାର । ତୁମେ ଦେଖିଥିବା ସବୁଠାରୁ ଗରିବ ଏବଂ ଦୁର୍ବଳ ବ୍ୟକ୍ତିଙ୍କ ମୁହଁକୁ ମନେ ପକାଅ ଏବଂ ନିଜକୁ ପଚାର, ତୁମେ ଯେଉଁ ପଦକ୍ଷେପ ବିଷୟରେ ଚିନ୍ତା କରୁଛ ତାହା ତାଙ୍କପାଇଁ କୌଣସି ଭାବେ ଉପଯୋଗୀ ହେବ କି? ସେ ଏହାଦ୍ୱାରା କିଛି ପାଇବ କି? ଏହା କ'ଣ ତାକୁ ନିଜ ଜୀବନ ଏବଂ ଭାଗ୍ୟ ଉପରେ ନିୟନ୍ତ୍ରଣ ଫେରାଇ ଆଣିବ? ଅନ୍ୟ ଶବ୍ଦରେ, ଏହା କ'ଣ ଲକ୍ଷ ଲକ୍ଷ କ୍ଷୁଧାର୍ତ୍ତ ଏବଂ ଆଧ୍ୟାତ୍ମିକ ଭାବରେ କ୍ଷୁଧାର୍ତ୍ତ ଲୋକଙ୍କ ପାଇଁ ସ୍ୱରାଜ (ସ୍ୱାଧୀନତା) ଆଣିବ? ତା ପରେ ତୁମେ ତୁମର ସନ୍ଦେହ ବିଷୟରେ ଜାଣିପାରିବ ଏବଂ ତୁମର ଆତ୍ମା ବିଗଳିତ ହୋଇଯିବ ।" – ମହାତ୍ମା ଗାନ୍ଧୀ । ଉପରୋକ୍ତ ଉକ୍ତି ଆଧାରରେ ଏକ କଲ୍ୟାଣକାରୀ ରାଷ୍ଟ୍ରରେ ଜଣେ ଜନସେବକଙ୍କ ଭୂମିକା ଆଲୋଚନା କର । ତୁମେ କ'ଣ ଭାବୁଛ ଯେ ଗାନ୍ଧିଜୀଙ୍କଦ୍ୱାରା ପ୍ରସ୍ତାବିତ ପରୀକ୍ଷା ବର୍ତ୍ତମାନର ଜଟିଳ ବିଶ୍ୱରେ ଜଣେ ଜନ ସେବକ ସମ୍ମୁଖୀନ ହେଉଥିବା ସମସ୍ତ ପରିସ୍ଥିତିରେ ପ୍ରୟୋଗ କରାଯାଇ ପାରିବ ।

16. Can scientific temper and traditional cultural values coexist in a society? What can possibly be areas of conflict? Has Indian society been able to reconcile the two? Give some examples.

ବୈଜ୍ଞାନିକ ମନୋଭାବ ଏବଂ ପାରମ୍ପରିକ ସାଂସ୍କୃତିକ ମୂଲ୍ୟବୋଧ ଏକ ସମାଜରେ ସହାବସ୍ଥାନ କରିପାରିବେ କି? ତାଙ୍କ ଭିତରେ ସଂଘର୍ଷର କ୍ଷେତ୍ରର ସମ୍ଭାବନା କ'ଣ ହୋଇପାରେ? ଉକ୍ତ ଦୁଇଟି ବ୍ୟବସ୍ଥାକୁ ଭାରତୀୟ ସମାଜ ମିଳାଇ ପାରିଛି କି? କେତେକ ଉଦାହରଣ ମାଧ୍ୟମରେ ଏହାର ଯଥାର୍ଥତା ପ୍ରତିପାଦନ କର ।

Candidate must not write on this margin.

Candidate must not write on this margin

17. A doctor with expertise in organ transplant comes across five different patients needing organ donation. These patients badly need five vital body organs, one each, to survive. The doctor meets a perfectly healthy person, and without obtaining his consent, removes five organs from his body and transplants the organs in his five patients, thereby giving them gift of life. When questioned, the doctor claims his action to be completely ethical as he saved five lives by sacrificing just one life. He quotes the utilitarian theory of ethics given by philosopher Jeremy Bentham that highest good of highest number is the essence of an ethical action. Do you agree with the argument of the doctor? Give your reasons.

ଜଣେ ଅଙ୍ଗ ପ୍ରତିରୋପଣ ବିଶେଷଜ୍ଞ ଓ ଡାକ୍ତର ଭିନ୍ନଭିନ୍ନ ପାଞ୍ଚଜଣ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଦାନ ଆବଶ୍ୟକ କରୁଥିବା ରୋଗୀଙ୍କୁ ଚିକିତ୍ସା କରୁଥିଲେ । ଏହି ରୋଗୀମାନଙ୍କୁ ବଞ୍ଚିବାପାଇଁ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ଶରୀର ଅଙ୍ଗ ଆବଶ୍ୟକତା ରହିଛି, ପ୍ରତ୍ୟେକ ଗୋଟିଏ ଲେଖାଁଏ ଅଂଶ ପ୍ରୟୋଜନ କରନ୍ତି । ଡାକ୍ତର ଜଣେ ସମ୍ପୂର୍ଣ୍ଣ ସୁସ୍ଥ ବ୍ୟକ୍ତିଙ୍କୁ ଯୋଗାଡ କରି ତାଙ୍କ ସମ୍ମତି ବିନା ତାଙ୍କ ଶରୀରରୁ ପାଞ୍ଚଟି ଅଙ୍ଗ କାଢ଼ି, ପାଞ୍ଚଜଣ ରୋଗୀଙ୍କ ଶରୀରରେ ଅଙ୍ଗ ପ୍ରତିରୋପଣ କରନ୍ତି, ଯାହାଦ୍ୱାରା ସେମାନେ ଜୀବନଦାନ ପାଆନ୍ତି । ଡାକ୍ତରଙ୍କୁ ପଚରାଯିବାରେ ସେ ତାଙ୍କ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନୀତିଗତ ବୋଲି ଦାବି କରନ୍ତି କାରଣ ସେ କେବଳ ଗୋଟିଏ ଜୀବନ ବଳିଦାନ ଦେଇ ପାଞ୍ଚଟି ଜୀବନ ରକ୍ଷା କରିଥିଲେ ବୋଲି ଦର୍ଶାଉଛନ୍ତି । ସେ ଦାର୍ଶନିକ ଜେରେମି ବେନ୍ଥାମ (Jeremy Bentham)ଙ୍କ ଦ୍ୱାରା ପ୍ରଦତ୍ତ ନୀତିଶାସ୍ତ୍ରର ଉପଯୋଗୀ ତତ୍ତ୍ୱକୁ ଉପସ୍ଥାପିତ କରି କୁହନ୍ତି ଯେ ସର୍ବୋଚ୍ଚ ସଂଖ୍ୟାର ସର୍ବୋଚ୍ଚ ଭଲ ଏକ ନୀତିଶାସ୍ତ୍ରଭିତ୍ତିକ ସାରମର୍ମ । ଆପଣ ଡାକ୍ତରଙ୍କ ଯୁକ୍ତି ସହିତ ସହମତ କି? ନିଜ କାରଣଗୁଡ଼ିକ ଦର୍ଶାଇ ଆଲୋଚନା କର ।

★★★